**NEW LINK TO MEDIA # 6C**

**WPC PIL 30556/2021 FILED IN HON'BLE HIGH COURT OF ORISSA IN THE MATTER OF ILLEGAL COW CHALLAN/TRANSPORT**

**PRAMEYA CUTTACK 29 09 2021 COW PIL**

http://epaper.prameyanews.com/m/584454/615378389c029

**Date 29 Sep, 2021 - Cuttack - 07**

## ରାଜ୍ୟରେ ଗୋହତ୍ୟା ବନ୍ଦ ଲାଗି ହାଇକୋର୍ଟରେ ମାମଲା

# 'ଗୋହତ୍ୟା ନିରୋଧ ଆଇନ କାର୍ଯ୍ୟକାରୀ ହେଉ'

କଟକ,୨୮।୯(ବ୍ୟୁରୋ): ରାଜ୍ୟରେ ବେଆଇନ ଭାବେ ପ୍ରବଳ ଗୋ-ଚାଲାଣ ଓ ଗୋ-ହତ୍ୟା କରାଯାଉଛି। ଏମାନଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଦେଶର କେତେକ ରାଜ୍ୟରେ ଗୋ-ହତ୍ୟା ନିରୋଧ ଆଇନ ଲାଗୁ ହୋଇଥିଲେ ମଧ୍ୟ ଓଡ଼ିଶାରେ ଏହି ଆଇନ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଉ ନାହିଁ। କେବଳ ସେତିକି ନୁହେଁ, ଏସଂକ୍ରାନ୍ତ ଏକ ମାମଲାର ବିଚାର କରି ୨୦୧୯ରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ଆଧାରରେ ଆବେଦନକାରିଣୀ ଜୟନ୍ତୀ ଦାସ ରାଜ୍ୟ ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। କିନ୍ତୁ ଦୀର୍ଘବର୍ଷ ବିତି ଯାଇଥିଲେ ମଧ୍ୟ ରାଜ୍ୟ ସରକାର ଏହି ସ୍ମାରକପତ୍ର ଉପରେ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ସେ ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଆବେଦନକାରିଣୀ ତାଙ୍କ ପିଟିସନ୍‌ରେ ଉଲ୍ଲେଖ କରିଛନ୍ତି, ହାଇକୋର୍ଟରେ ସେ ପୂର୍ବରୁ ଗୋ-ହତ୍ୟା ବନ୍ଦ ଲାଗି ଏକ ମାମଲା ରୁଜୁ କରିଥିଲେ। ଏଥିରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆବେଦନକାରିଣୀଙ୍କ ପକ୍ଷରୁ ଦିଆଯାଇଥିବା ସ୍ମାରକପତ୍ର ଉପରେ ଉପଯୁକ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସ୍ମାରକପତ୍ର ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ୪ମାସ ସମୟ ଦେବାକୁ ପଶୁ ସମ୍ପଦ ବିଭାଗ ପକ୍ଷରୁ ସମୟ ମଗା ଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଏବେ ରାଜ୍ୟରେ ଅବାଧରେ ବେଆଇନ ଗୋଚାଲାଣ କରାଯାଉଛି। ବିଶେଷକରି କଟକ, ଗଞ୍ଜାମ, ଖୋର୍ଦ୍ଧା ଏବଂ ପୁରୀରେ ବେଆଇନ ଭାବେ ପ୍ରବଳ ଗୋଚାଲାଣ କରାଯାଉଛି। ଏହି ଚାରିଟି ଜିଲ୍ଲାରେ ବେଆଇନ ଗୋରୁ ଚାଲାଣକାରୀଙ୍କ ବିରୋଧରେ କେତେ ମାମଲା ରୁଜୁ ହୋଇଛି ଏବଂ ଗୋଚାଲାଣ ଗାଡ଼ି ପାଇଁ ଭେଟେରାନାରୀ ଆସିଷ୍ଟାଣ୍ଟ ସର୍ଜନ(ଭାସ୍) ପକ୍ଷରୁ କେତେ ଫିଟ୍‌ନେସ୍ ସର୍ଟିଫିକେଟ୍ ଦିଆଯାଇଛି ତାହାର କୌଣସି ଜବାବ ଉପରୋକ୍ତ ଚାରି ଜିଲ୍ଲାର ଜିଲ୍ଲାପାଳଙ୍କ ନିକଟରେ ନାହିଁ। ପଶୁଙ୍କ ସୁରକ୍ଷା ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟରେ କିଛି ସ୍ୱତନ୍ତ୍ର ଆଇନ ରହିଛି। କିନ୍ତୁ ଏହି ଆଇନ ଦଣ୍ଡବିଧାନ ପାଇଁ ଅଧିକ କଠୋର ହେବା ଆବଶ୍ୟକ। ଓଡ଼ିଶାରେ ୧୪ବର୍ଷରୁ ଅଧିକ ଗୋରୁଗାଈଙ୍କୁ ହତ୍ୟା କରିବା ଲାଗି ଅନୁମତି ପ୍ରଦାନ କରାଯାଉଛି। ଯାହାକି' ଭାରତୀୟ ପିନାଲ କୋଡ୍ ଏବଂ ସମ୍ବିଧାନର ଉଲ୍ଲଂଘନ କରାଯାଉଛି। ତେଣୁ ଏଭଳି ଏକ ଅନୁମତି ପାଇଁ ଥିବା ଆଇନକୁ ଅସିଦ୍ଧ ଘୋଷଣା କରିବାକୁ ଆବେଦନକାରିଣୀ ପ୍ରାର୍ଥନା କରିଛନ୍ତି। କର୍ଣ୍ଣାଟକ, ପଞ୍ଜାବ ଏବଂ ଉତ୍ତରପ୍ରଦେଶର ଗୋ'ହତ୍ୟାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏପରିକି ପଞ୍ଜାବରେ ଡିଜିଙ୍କ କାର୍ଯ୍ୟାଳୟରେ ଗାଈ ସୁରକ୍ଷା ସେଲ୍ ଖୁବ୍‌ଶୀଘ୍ର ଖୋଲା ଯିବାକୁ ଯାଉଛି। ଯେଉଁ ସେଲ୍ ଦାୟିତ୍ୱରେ ଜଣେ ଆଇଜି ର୍ୟାଙ୍କ୍‌ର ଅଧିକାରୀ ଦାୟିତ୍ୱରେ ରହିବେ।

ତେଣୁ ଏ କ୍ଷେତ୍ରରେ ରାଜ୍ୟ ସରକାର ଗୋ ସୁରକ୍ଷା ପାଇଁ ଥିବା ଆଇନକୁ କାର୍ଯ୍ୟକାରୀ କରିବା ସହ ଏଥିପାଇଁ ଟାସ୍କଫୋର୍ସ ଗଠନ ଲାଗି ପଦକ୍ଷେପ ନେବାପାଇଁ ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରିଣୀ ପ୍ରାର୍ଥନା କରିଛନ୍ତି। ଏହି ମାମଲାରେ ମୁଖ୍ୟ ଶାସନସଚିବ, ଗୃହ ବିଭାଗ ସଚିବ, ଗୃହ ଏବଂ ନଗର ଉନ୍ନୟନ ବିଭାଗ ସଚିବ, ପୁଲିସ୍ ଡିଜି, ମତ୍ସ୍ୟ ଏବଂ ପଶୁ ସମ୍ପଦ ବିଭାଗ ସଚିବ ଓ ନିର୍ଦ୍ଦେଶକ, ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ବିଜୟ କୁମାର ରଗଡ ଏହି ମାମଲାକୁ ରୁଜୁ କରିଛନ୍ତି।